## ଦକ୍ଷତା ବିକାଶ ପାଇଁ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ

**ଛେଣ୍ଡିପଦା,୨୮।୪(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତ ସଭାଘରଠାରେ ସୁଭଦ୍ରା କୋଲ ମାଇନିଂ ଲିମିଟେଡ ଓ ଶୁକ୍ଳାମ୍ବର ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଅଧୀନରେ ସିନର୍ଜି ସଂସ୍ଥା ପକ୍ଷରୁ ମହିଳାଙ୍କୁ ଦିଆଯାଉଥିବା ମାସିକିଆ ସିଲେଇ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଇଝରଣ ପଞ୍ଚାୟତର ପ୍ରାୟ ୩୫ ଜଣ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ, ଏସ୍‌ଏଲ୍ ମାଇନିଂର ମୁଖ୍ୟ ତଥା ସଭାପତି ପବନ ସୋମାନି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ନାବାର୍ଡ ଡିଡିଏମ୍ ଆଶୁତୋଷ ରାୟ, ସୁଭଦ୍ରା କୋଲ ମାଇନିଂ ଲିମିଟେଡ ପ୍ରୋଜେକ୍ଟହେଡ୍ ବିମଳ ବରାଳ, ସ୍ଥାନୀୟ ସରପଞ୍ଚ, ଗ୍ରାମସଭାପତି ଓ ନାଏବ ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ। ପ୍ରୋଗ୍ରାମ ଆସୋସିଏଟ୍ ଦୀପ୍ତିମୟୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

## ମହୀଧରପୁର ଅଞ୍ଚଳରେ ୫୦ ଟିକିଆ ହାତୀପଲ


ଜଣେ ଯୁବକ ରିଲ୍ସ ନିଶାରେ ହାତୀର ଅତି ପାଖକୁ ଯାଇଛନ୍ତି।


ହାତୀ ଘଉଡ଼ାଇବାକୁ ଲୋକେ ଶୁଖିଲା ଗଛରେ ନିଆଁ ଲଗାଇଛନ୍ତି।

**ଅନୁଗୋଳ,୨୮।୪(ଦିବ୍ୟଶାନ୍ତନୁ ନାଥ)**

ଦୀର୍ଘଦିନର ବ୍ୟବଧାନ ପରେ ମହୀଧରପୁର ଅଞ୍ଚଳକୁ ୫୦ ଟିକିଆ ହାତୀପଲ ଆସିଛନ୍ତି। ସୋମବାର ଠାରୁ ଏହି ହାତୀପଲ ଅନୁଗୋଳ ଓ ଢେଙ୍କାନାଳ ବନଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ରହିଥିଲେ। ମଙ୍ଗଳବାର ସକାଳେ ଏହି ପଲ ମଧ୍ୟରୁ କେତୋଟି ହାତୀ ଅଲଗା ହୋଇ ବନ୍ତଲା ବନାଞ୍ଚଳ ତଳମୂଳ ଆଡ଼କୁ ଯାଇଥିଲେ। ଗାଁ ପାଖକୁ ହାତୀ ଆସିବା ଦେଖି ଲୋକେ ହାତୀକୁ ଘଉଡ଼ାଇଥିଲେ। ଅପରାହ୍ନରେ ହାତୀପଲ ମହୀଧରପୁର ଓ

### ଶାବକ ପାଇଁ ଅଡୁଆରେ ହାତୀପଲ

କୁରୁମିଠା ଗାଁ ପାଖରେ ରହିଥିଲେ। ଏପରି କି କେତେଜଣ ଲୋକଙ୍କୁ ଗୋଡାଉଥିବା ମଧ୍ୟ ଦେଖାଯାଇଛି। ନିକଟରେ ପରିବା ଚାଷ କରୁଥିବା ଚାଷୀଙ୍କ ପାଇଁ ହାତୀପଲ ବିପଦ ସାଜିଥିବା କେତେଜଣ ଚାଷୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ହାତୀଙ୍କୁ ଘଉଡ଼ାଇବା ପରେ ମଧ୍ୟ ଏହି ଅଞ୍ଚଳ ଛାଡୁନାହାନ୍ତି। କାରଣ ସନ୍ଧ୍ୟା ସମୟରେ ହାତୀପଲ ମଧ୍ୟରେ ଏକ ନବଜାତ ଶାବକ ଦେଖାଯାଇଥିଲା। ହାତୀପଲ ଶାବକଟିକୁ ଘେରି ରହିଥିବାବେଳେ ଆଗକୁ ବଢୁନାହାନ୍ତି। ହାତୀ ଘଉଡ଼ାଇବା ପାଇଁ ଅଞ୍ଚଳରେ ଶୁଖିଲା ଗଛ ଗୁଡ଼ିକୁ ଲୋକେ ନିଆଁ ଲଗାଉଥିବା ଦେଖାଯାଇଛି। ଏପରି ସ୍ଥିତିରେ କେବଳ ମାଇକ୍ ଯୋଗେ ହାତୀ ପାଖକୁ କେହି ଯାଆନ୍ତୁ ନାହିଁ ବୋଲି ଘୋଷଣା କରି ବନବିଭାଗ ନୀରବଦ୍ରଷ୍ଟା ସାଜିଛି।

## ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ତାଳଚେର,୨୮।୪ (ମନୋଜ ନନ୍ଦ)**

ତାଳଚେରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ସ୍ମୃତିଚାରଣ କରଯାଇଥିଲା। ତାଳଚେର କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିବାବେଳେ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ ମଧ୍ୟ ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦେଉଳବେଡ଼ାସ୍ଥିତ ଆଗେଇବା କାର୍ଯ୍ୟାଳୟ, ଆମ ପ୍ରତିଭା ଆମ ପରିଚୟ, ତାଳଚେର ପୂଜ୍ୟପୂଜା ସଂସଦର କର୍ମକର୍ତ୍ତାମାନେ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହେଶ ସାହୁ, ତାଳଚେର କଲେଜ ଅଧକ୍ଷ ମେଜର ସୁବ୍ରତ କୁମାର ଦାସ ଓ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। କୋର୍ଟ ପରିସରରେ ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ନିର୍ମଳ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର, ପୂର୍ବତନ ନଗରପାଳ କେଶବ ଭୂତିଆ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅନନ୍ତ ଡିଏଭିରେ ମଧୁସୂଦନ ଜୟନ୍ତୀ


ଡିଏଭି ପବ୍ଲିକ ସ୍କୁଲ ପରିସରରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି।

**ତାଳଚେର,୨୮।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଶୁଭେନ୍ଦୁ ଶେଖର ବୋଷ ଯୋଗଦେଇ ମଧୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ଆଚାର୍ଯ୍ୟ, କ୍ରିଷ୍ଣା ପାଣି, ରୀତାରାଣୀ ତ୍ରିପାଠୀ, ମଧୁମିତା ଛୁଆଳସିଂହ, ମିନାକ୍ଷୀ ବେହେରା, ଶିକ୍ଷକ ସୁଧାଂଶୁ କୁମାର ସ୍ୱାଇଁ, କରୁଣାକର ସାହୁ, ଜିତେନ୍ଦ୍ର ପ୍ରଧାନ, କଳା ଶିକ୍ଷକ ହେମନ୍ତ ବିଶି ଏବଂ ରାକେଶ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କରୁଣାକର ସାହୁ ମଧୁବାବୁଙ୍କ ଜୀବନୀ ଓ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ରିତାରାଣୀ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ଡ. ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁବାବୁଙ୍କ ବୁଦ୍ଧି, ଚତୁରତା ସମ୍ପର୍କରେ ବର୍ଣ୍ଣନା

**ବଇଣ୍ଡା, ୨୮।୪ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ସ୍ୱାତକ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ସ୍ୱାଭିମାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧକ୍ଷ ଅକ୍ଷୟ କୁମାର ଦାଶ ଯୋଗଦେଇ ଉତ୍କଳ ସମ୍ମିଳନୀ ଗଠନରେ ମଧୁବାବୁଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁ, ଅଧ୍ୟାପିକା ରୋଜାଲିନ ପ୍ରଧାନ ଯୋଗଦେଇ ଆଇନ ପେସାରେ ମଧୁବାବୁଙ୍କ ବୁଦ୍ଧି ଓ ଚତୁରତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଛାତ୍ରୀ ବିଦ୍ୟୁସ୍ମିତା ବିଶ୍ୱାଳ, ଅଙ୍କିତା ପ୍ରଧାନ ମଧୁବାବୁ ଓ ସ୍ୱାଭିମାନୀ ଓଡ଼ିଶା ଉପରେ ପ୍ରବନ୍ଧ ରଚନା କରିଥିଲେ। ରାଜେଶ ତଣ୍ଡିଆ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପୁରୁଷୋତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲାବେଳେ ଶୁଭଶ୍ରୀ ବିଶ୍ୱାଳ, ଅମ୍ବିକା ବେହେରା, ସୁଶାନ୍ତ ରାଉଳ, ବାଦଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ପାଳିତ

**ଛେଣ୍ଡିପଦା୨୮।୪(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଦ' ଲୟରସ୍ ଡେ ପାଳିତ ହୋଇଯାଇଛି। ସଂଘ ସଭାପତି ନଗେନ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛେଣ୍ଡିପଦା ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ମଲ୍ଲିକା ଗୋଇନକା ଯୋଗଦେଇ ମଧୁସୂଦନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆଇନଜୀବୀ ସଂଘର ସମ୍ପାଦକ ପ୍ରଦୀପ କୁମାର ଗଡ଼ନାୟକ, ବସନ୍ତ କୁମାର ପ୍ରଧାନ, ସରକାରୀ ଓକିଲ ସର୍ବଜିତ ଶ୍ରୀଚନ୍ଦନ, ଲକ୍ଷ୍ମୀଧର ପ୍ରଧାନ, ଅକ୍ଷୟପାଦ ବେହେରା, ପ୍ରଶାନ୍ତ ସାହୁ, ନିରଞ୍ଜନ ନାଏକ, ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସହସମ୍ପାଦକ ଶିଶିର କୁମାର ବେହେରା, କୋଷାଧ୍ୟକ୍ଷ ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ତୃଷାର୍ତ୍ତଙ୍କୁ ଦହି ସର୍ବତ ବଣ୍ଟନ



ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଉଛି।

**ଆଠମଲ୍ଲିକ,୨୮।୪(ଉଦୀପ୍ତ ପୁରୋହିତ)**

ଅବସରପ୍ରାପ୍ତ କର୍ମଚାରୀମାନଙ୍କ ତରଫରୁ ଆଠମଲ୍ଲିକ ଦୁର୍ଗାବଜାରରେ ତୃଷାର୍ତ୍ତମାନଙ୍କୁ ମଙ୍ଗଳବାର ଦହି ସର୍ବତ ବଣ୍ଟନ କରାଯାଇଥିଲା। କିଛିଦିନ ହେଲା ଟାଣ ଖରା ଅନୁଭୂତ ହେଉଥିବା ବେଳେ ଗ୍ରୀଷ୍ମ ତାପ ବୃଦ୍ଧି ପାଉଥିବାରୁ ଲୋକଙ୍କ ପାଇଁ ଜଳର ଆବଶ୍ୟକତା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଦୈନିକ ହାଟବାରି ଥିବାରୁ ସଂଘ ତରଫରୁ ଲୋକଙ୍କୁ ଦହି ସର୍ବତ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସଦସ୍ୟ ଭବାନୀ ଶଙ୍କର ମିଶ୍ର, ବିପିନ ବିହାରୀ ସାହୁ, ସଚ୍ଚିଦାନନ୍ଦ ମହାର, ବିନୟ ବଘାର, ପୂର୍ଣ୍ଣଚନ୍ଦ୍ର ଘିୱାଲା, ମନୋଜ ମିଶ୍ର, ପର୍ଶୁରାମ ବେହେରା, ରମାକାନ୍ତ ଚାନ୍ଦ, ନବୀନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପରିଣତ ବୟସରେ ମଧ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

## ଓକିଲ ସଂଘ ପକ୍ଷରୁ ମଧୁଜୟନ୍ତୀ ପାଳିତ

**ବଇଣ୍ଡା,୨୮।୪ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ମଙ୍ଗଳବାର ମଧୁଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର ଏବଂ ସମ୍ମାନିତ ଅତିଥିଭାବେ ଏସ୍‌ଡିଜେଏମ୍ ସିଙ୍କୁନ ରାୟ ଯୋଗ ଦେଇଥିଲେ। ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଉପସଭାପତି ଉଗ୍ରସେନ ସେଠୀ, କୋଷାଧ୍ୟକ୍ଷ ସୁନୀଲ ଶାସନିଙ୍କ ସମେତ ଉପସ୍ଥିତ ଆଇନଜୀବୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଇନଜୀବୀ ଅସିତ ରଞ୍ଜନ ଦେଓ, ଯଜ୍ଞେଶ୍ୱର ପ୍ରଧାନ ଓ ଜିତେନ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଓକିଲ ସଂଘ ସଦସ୍ୟଙ୍କୁ ସମ୍ମାନିତ କରାଯାଉଛି।

## ଜନଶିକ୍ଷା ସଂସ୍ଥାନ ପକ୍ଷରୁ ଦକ୍ଷତା ପ୍ରମାଣପତ୍ର ବିତରଣ

**କଣିହାଁ,୨୮।୪(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦକ୍ଷତା ପ୍ରମାଣପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଜନଶିକ୍ଷା ସଂସ୍ଥାନ ଅଧୀନରେ ବିଜିଗୋଳ ଉପକେନ୍ଦ୍ର ପକ୍ଷରୁ ୮୦ଜଣ ଶିକ୍ଷିତ ଯୁବତୀଯୁବକଙ୍କୁ ଆସିଷ୍ଟାଣ୍ଟ କମ୍ପ୍ୟୁଟର ଅପରେଟର ଓ ବିୟୁଟି କେୟାର ସମ୍ପର୍କିତ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଜିଗୋଳ ସରପଞ୍ଚ ରୁକୁଣୀ ପ୍ରଧାନ ମୁଖ୍ୟଅତିଥି, ଏନ୍‌ଟିପିସି ଡାକ୍ତର ଶାନ୍ତନୁ କୁମାର ସାହୁ, ସାମାଜିକ କର୍ମୀ ସତ୍ୟାନନ୍ଦ ପ୍ରଧାନ, ଯୁବ ସଙ୍ଗଠକ ସୁଲେନ କୁମାର ଧର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦକ୍ଷତା ପ୍ରମାଣପତ୍ର ବିତରଣ କରିଥିଲେ। ପ୍ରଶିକ୍ଷକ ଜଗଦୀଶ ପାଣି, ଶୁଭଶ୍ରୀ ସାମଲ, ଶିବରାମ ନାହାକ, ଶଙ୍କର୍ଷଣ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।


ଶିକ୍ଷିତ ଯୁବତୀ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ଘରୋଇ କମ୍ପାନୀକୁ ତାଳଚେରବାସୀଙ୍କ ତୀବ୍ର ବିରୋଧ

**ତାଳଚେର, ୨୮।୪ (ମନୋଜ ନନ୍ଦ)**

ଘରୋଇ କମ୍ପାନୀକୁ ତାଳଚେର ଭିତରେ ପୂରାଇ ନ ଦେବାକୁ ଏକ ବୈଠକ ତାଳଚେର ପୌରପରିଷଦ ୧୦ ନମ୍ବର ୱାର୍ଡ ଦଶହରା ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପସ୍ଥିତ ଅଞ୍ଚଳବାସୀ କହିଥିଲେ, ତାଳଚେରର ପ୍ରାୟ ୮ଟି ପଞ୍ଚାୟତ ଏମ୍‌ସିଏଲ୍ ଅଧିଗ୍ରହଣ କରି ଲୋକଙ୍କୁ ଉଚିତ କ୍ଷତିପୂରଣ, ନିଯୁକ୍ତି, ଥଇଥାନ ନ କରି କଲବଲ କରୁଥିବାବେଳେ ଏବେ ସହରର ପ୍ରାୟ ୧୨୫ ଏକର ଜମି ସହିତ ୨୧ଗୋଟି ଗ୍ରାମକୁ ଏକ ଘରୋଇ କମ୍ପାନୀ ଅଧିଗ୍ରହଣ କରିବ ବୋଲି ପ୍ରକାଶିତ ବିଜ୍ଞପ୍ତି ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ଏହାକୁ ନେଇ ଅଞ୍ଚଳବାସୀ ଆଶା ଆଶଙ୍କାରେ ରହିଛନ୍ତି। ଏ ନେଇ ଅନୁଷ୍ଠିତ ବୈଠକରେ ବହୁ ଲୋକ ଉପସ୍ଥିତ ରହି ଘରୋଇ କମ୍ପାନୀକୁ ଏଠାରେ ପ୍ରବେଶ କରି ଦିଆ ନ ଯିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ ରଣଜିତ ମହାପାତ୍ରଙ୍କ ଆବାହକତ୍ୱରେ ନଗରପାଳ ପବିତ୍ର ଭୂତିଆ, ଚୈତନ୍ୟ ପ୍ରଧାନ, ଅଶୋକ ଶତପଥୀ, ଗୁନା ସାହୁ, ଦୁର୍ଗାଚରଣ ମହାନ୍ତି, ମନୋଜ ଶତପଥୀ, ରଶ୍ମିରଞ୍ଜନ ମିଶ୍ର, ସାମାଜିକ କର୍ମୀ ସୌଭାଗିନୀ ଦେବୀ, କାଉନସିଲର ସ୍ୱାଧୀନ ଅମ୍ବ, ପୂର୍ବତନ ନଗରପାଳ କେଶବ ଭୂତିଆ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ।

## ସୁନୀଲ ତାଳଚେର ମେଡିକାଲ କଲେଜରେ ଏମ୍‌ପିଙ୍କ ପ୍ରତିନିଧି

**ତାଳଚେର,୨୮।୪ (ମନୋଜ ନନ୍ଦ)**

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ପାଇଁ ପ୍ରତିନିଧି ନିଯୁକ୍ତି କରିଛନ୍ତି। ଭାଜପା ଯୁବ ନେତା ସୁନୀଲ ପଟ୍ଟନାୟକଙ୍କୁ ସେ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଛନ୍ତି। ୨୫ ବର୍ଷ ହେବ ସୁନୀଲ ତାଳଚେର ସେଣ୍ଟ୍ରାଲ ହସ୍ପିଟାଲ ତଥା ବର୍ତ୍ତମାନର ତାଳଚେର ମେଡିକାଲ କଲେଜରେ ଉପସ୍ଥିତ ରହି ରୋଗୀମାନଙ୍କ ସେବା କରୁନ୍ତି। ଏମ୍‌ପିଙ୍କ ତାଳଚେର ଗସ୍ତ ବେଳେ ତାଳଚେର ମେଡିକାଲ କଲେଜ ପ୍ରିନ୍ସିପାଲ ଡ. କୀର୍ତ୍ତିରେଖା ମହାପାତ୍ରଙ୍କୁ ଫୋନ କରି ଏହା କହିବା ସହ ଲିଖିତ ଭାବେ ଜଣାଇଛନ୍ତି। ଏମ୍‌ପିଙ୍କ ସହ ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ଉପସ୍ଥିତ ରହି ସୁନୀଲଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ଅନୁଗୋଳ ଟାକ୍ସବାର୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ ଟାକ୍ସବାର୍ ହଲ୍‌ରେ ମଧୁ ଜୟନ୍ତୀ ପାଳନ କରାଯାଉଛି।

**ଅନୁଗୋଳ,୨୮।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଟାକ୍ସବାର୍ ହଲ୍‌ରେ ମଧୁବାବୁଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁ, ଅମ୍ବିକା ପ୍ରସାଦ ସାହୁ, ଶ୍ରୀକାନ୍ତ ବିଶ୍ୱାଳ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ସଭାପତି ଲକ୍ଷ୍ମୀକାନ୍ତ ପାଣି, ଉପସଭାପତି ପ୍ରଶାନ୍ତ ବେହେରା, ସମ୍ପାଦକ ଅମିନ ନୁରୁଦ୍ଦିନ ପ୍ରମୁଖ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଜୟନ୍ତୀ ପାଳନ କରିଥିଲେ। ଉପସ୍ଥିତ ସମସ୍ତ ସଭ୍ୟ ଓ କାର୍ଯ୍ୟକର୍ତ୍ତା ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ।

## ଓପନ ଷ୍ଟେଟ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍

**ଅନୁଗୋଳ,୨୮।୪(ଦିବ୍ୟଶାନ୍ତନୁ ନାଥ)**

ଗତ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓପନ ଷ୍ଟେଟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଅନୁଗୋଳ ଜିଲାରୁ ୪୬ ଜଣ ଖେଳାଳି ଅଂଶଗ୍ରହଣ କରି ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ସେମାନେ ୨୭ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୨୬ କାଂସ୍ୟ ପଦକ ସହ ମୋଟ ୬୭ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ୪୬ ଜଣ ଖେଳାଳିଙ୍କ ପାଇଁ କୋଚ ହେମବାହାଦୂର, ଶକ୍ତିପ୍ରସାଦ, ସଲେନ୍ଦ୍ର ଓ ଶ୍ରୀୟା ସିମନ, ମ୍ୟାନେଜର ଶ୍ରାବଣୀ ବେହେରା ଓ ଖଗେଶ୍ୱର ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରି ଥିବାରୁ ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପଛରେ ଥିବା ଏଡିଟିଡିଏ ସଭାପତି ମନୋଜ କୁମାର ପ୍ରଧାନ, କୋଷାଧ୍ୟକ୍ଷ ତପନ ଦାସ, ସମ୍ପାଦକ ପ୍ରଦୀପ ପ୍ରଧାନ, ସମ୍ପାଦକ ଅମରଜିତ ଗଡ଼ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠଙ୍କୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

## ମଧୁବାବୁଙ୍କ ଅବଦାନକୁ ସ୍ମରଣ



**ବଅଁରପାଳ,୨୮।୪(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ ମଙ୍ଗଳବାର ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଥାନା ଅଧିକାରୀ ନମିତା ନାୟକ ଯୋଗଦେଇ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଏହି ଅବସରରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଭାକର ଦେହୁରୀ, ଗୌରଚନ୍ଦ୍ର ପ୍ରଧାନ, ରଞ୍ଜନ ନାୟକ, କପିଳେଶ୍ୱର ସାହୁ, ଟିକମ ବେହେରା, ସୁଶାନ୍ତ ସାହୁ, ରାମ ସାହୁ, ସରୋଜ ସେଠୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୨୮।୪ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ଚୁଡ଼ାଖାଇ ହାଡିବନ୍ଧୁ ତଣ୍ଡିଆ ଓ ସ୍ତ୍ରୀ ପରିଶିତା ତଣ୍ଡିଆଙ୍କୁ ତାଙ୍କ ସାନଭାଇ ରୋହିତ ତଣ୍ଡିଆ ଟାଙ୍ଗିଆରେ ଆକ୍ରମଣ କରିଥିବା ହାଡ଼ିବନ୍ଧୁ ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୧୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସ୍ୱାମୀ ଓ ସ୍ତ୍ରୀ ଘରେ ଥିବାବେଳେ ଘରୋଇ କଳିକୁ କେନ୍ଦ୍ରକରି ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଜଳସଙ୍କଟର ସମାଧାନ ପାଇଁ ବିଧାୟକ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

**ଆଠମଲ୍ଲିକ,୨୮।୪(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ପତାକା ଗ୍ରାମରେ ଜଳସଙ୍କଟ ଉତ୍କଟ ହୋଇଥିବାରୁ ସମସ୍ୟାର ସମାଧାନ ପାଇଁ ଜିଲା ପରିଷଦ ସଦସ୍ୟା ବବିତା କର୍ଣ୍ଣ ଅନ୍‌ଲାଇନରେ ଏକ ଚିଠି ଲେଖି ସ୍ଥାନୀୟ ବିଧାୟକ ନଳିନୀକାନ୍ତ ପ୍ରଧାନ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୩ଟି ୱାର୍ଡ ଓ ୧୦୦୦ ଜନସଂଖ୍ୟା ବିଶିଷ୍ଟ ପତାକା ଗ୍ରାମରେ କିଛିଦିନ ହେଲା ଗ୍ରୀଷ୍ମ ତାପ ବୃଦ୍ଧି ଯୋଗୁ କୂଅ ଓ ନିକଟସ୍ଥ ନାଳ ଶୁଖି ଯାଇଥିବାରୁ ଜଳ ସଙ୍କଟ ଉତ୍କଟ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଚିଠିରେ ଉଲ୍ଲେଖ ରହିଛି। ଗ୍ରାମ ସଭାପତି ପ୍ରଦୀପ ପ୍ରଧାନ ମଧ୍ୟ ପୂର୍ବରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇନାହିଁ। ଏଥିସହିତ ଗ୍ରାମ ନିକଟସ୍ଥ ନାଳ ଶୁଖିଲା ପଡିଥିବାରୁ ଚୁଆ ଖୋଳିବା ଓ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଦାବି କରାଯାଇଛି।

## ମେ ୮ରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ଡାକରା

### ପବିତ୍ର ମୋହନ ମେଡିକାଲରେ ରୋଗୀ ସେବା ଦାବି

**ତାଳଚେର,୨୮।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ରୋଗୀ ସେବା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ମେ ୮ ତାରିଖରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ଡାକରା ଦିଆଯାଇଛି। ଏ ନେଇ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଙ୍ଗଳବାର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତାଳଚେରଠାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ତିଆରି ହୋଇଥିଲେ ହେଁ ରୋଗୀ ସେବା ଅନୁଗୋଳ ଜିଲା ମେଡିକାଲରେ ଆରମ୍ଭ କରାଯାଇଛି। ତାଳଚେରରୁ ସରକାର ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ କରିବା ସହ ସର୍ବାଧିକ ରାଜସ୍ୱ ସଂଗ୍ରହ କରୁଥିବାବେଳେ ତାଳଚେରବାସୀଙ୍କୁ ପ୍ରଦୂଷଣ ମଧ୍ୟକୁ ଠେଲି ଦେଇଛନ୍ତି। ପ୍ରଦୂଷଣରେ ଜର୍ଜରିତ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ ହେଉଥିଲେ ହେଁ ତାଳଚେର ମେଡିକାଲ କଲେଜରେ ରୋଗୀ ସେବା ପରିବର୍ତ୍ତେ ଅନୁଗୋଳରେ କରାଯାଉଥିବାରୁ ତାଳଚେରବାସୀ ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି। ତାଳଚେରଠାରେ ରୋଗୀ ସେବା ଦାବିରେ ଗତ ଜାନୁଆରୀ ୮ ଠାରୁ ୧୧୦ ଦିନ ହେବ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ଓଡ଼ିଶା ବିଧାନସଭା ସମ୍ମୁଖରେ ମଧ୍ୟ ଗଣଧାରଣା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲେ ମଧ୍ୟ ଦାବି ପୂରଣ ହେଉନାହିଁ। ତେଣୁ ବାଧ୍ୟ ହୋଇ ତାଳଚେର ବନ୍ଦ ଡାକରା ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ଅଭୟ ପାଣି, ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ବିନୋଦ ଲାଲ, କେଶବ ଭୂତିଆ, ପ୍ରଫୁଲ୍ଲ ନାଏକ, ସବିତା ସିଂ, କୁନ୍ତଳା ମହାପାତ୍ର, ଗଗନ ଦାସ, ଗଦାଧର ପାତ୍ର, ସୁରଥ ରଥ, ହରିହର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଉଛି।

